ପ୍ରମେୟ
ତାରିଖ: ୧୪.୦୯.୨୦୧୮

# ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଏ ବିଆଇଆଇଟିଏମ୍

**ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)। ୧୯୯୯ରେ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଇଷ୍ଟେଟ୍‌ରେ ଏକ ଛୋଟ କ୍ୟାମ୍ପସ୍‌ରୁ ଆରମ୍ଭ ହୋଇଥିବା ଏ ଶିକ୍ଷାନୁଷ୍ଠାନ ଆଜି ଜଣାଶୁଣା ବ୍ରାଣ୍ଡରେ ପରିଣତ ହୋଇଛି। ପ୍ରମୁଖ ବି-ସ୍କୁଲ୍‌ମାନଙ୍କ ଭିତରେ ନିଜକୁ ଅଗ୍ରଣୀ ପ୍ରମାଣିତ କରିଛି। କେବଳ ଏମ୍‌ବିଏ କୋର୍ସରେ ସୀମିତ ରହି ବିଆଇଆଇଟିଏମ୍ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବ୍ରତୀ ରଖିଛି। କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟରେ ଢେର୍ ଆଗରେ ରହିଛି। ଶିକ୍ଷାନୁଷ୍ଠାନର ଶିକ୍ଷାପଦ୍ଧତି, କାର୍ଯ୍ୟପନ୍ଥା ତଥା ଭବିଷ୍ୟତ ଯୋଜନା ସମ୍ପର୍କରେ ଜାଣିବାକୁ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତାପ କୁମାର ବଳବନ୍ତରାୟଙ୍କ ସହ ଆମର ଏକ ଛୋଟ ଆଳାପ...**



**ପ୍ରଶ୍ନ:** ମହାବାତ୍ୟା ବର୍ଷ ଏମ୍‌ସିଏ କୋର୍ସରୁ ବିଆଇଆଇଟିଏମ୍‌ର ମୂଳଦୁଆ ପଡ଼ିଥିଲା। କିନ୍ତୁ ଏବେ ଏଠାରେ କେବଳ ଏମ୍‌ବିଏ କୋର୍ସ ପ୍ରଦାନ କରାଯାଉଛି। ଏହା କାହିଁକି?

**ଉତ୍ତର:** ଯଦିଓ ପ୍ରାରମ୍ଭିକ ଭାବେ ଏଠାରେ କେବଳ ଏମ୍‌ସିଏ କୋର୍ସ ଆରମ୍ଭ ହୋଇଥିଲା, ୨୦୦୨-୦୩ରେ ଇନ୍‌ଫୋସିଟିସ୍ଥିତ ନୂଆ କ୍ୟାମ୍ପସ୍‌ରେ ଏମ୍‌ସିଏ ସହ ଏମ୍‌ବିଏ ପାଠ୍ୟକ୍ରମ ଯୋଡ଼ିହେଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଇଟିରେ ମାନ୍ଦାବସ୍ଥା ଦେଖିବାକୁ ମିଳିଲା। ଏଣୁ ଏମ୍‌ସିଏକୁ ବନ୍ଦ କଲୁ। ବିଆଇଆଇଟିଏମ୍ ବର୍ତ୍ତମାନ ଏମ୍‌ବିଏ କୋର୍ସ ସହ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ କୋର୍ସ ପ୍ରଦାନ କରୁଛି। ଏମ୍‌ବିଏ ପାଠ୍ୟକ୍ରମର ସିଟ୍ ସଂଖ୍ୟା ୧୮୦ ଥିବା ବେଳେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ସିଟ୍ ସଂଖ୍ୟା ୬୦ ରହିଛି।

**ପ୍ରଶ୍ନ:** ରାଜ୍ୟରେ ଅନେକ ବି-ସ୍କୁଲ ଅଛି। ଆଧୁନିକ କ୍ୟାମ୍ପସ ସହ ଉନ୍ନତ ପାଠପଢ଼ାର ପ୍ରତିଶ୍ରୁତ ଦେଉଛନ୍ତି। ଏହାସତ୍ତ୍ୱେ ବିଆଇଆଇଟିଏମ୍ କାହିଁକି ଛାତ୍ରଛାତ୍ରୀଙ୍କ ପସନ୍ଦର ବ୍ରାଣ୍ଡ?

**ଉତ୍ତର:** ବିଆଇଆଇଟିଏମ୍‌ର ପାଠପଢ଼ା ପଦ୍ଧତି ଅନ୍ୟମାନଙ୍କଠାରୁ ଭିନ୍ନ। ଏହା ଛାତ୍ରଛାତ୍ରୀଙ୍କୁ କେବଳ ଥିଓରୀରେ ସୀମିତ ରଖିବାକୁ ଚାହିଁ ନ ଥାଏ। ସେମାନଙ୍କୁ କେସ୍ ଷ୍ଟଡିଜ୍ ଜରିଆରେ ସରଳ ଭାବେ ବିଭିନ୍ନ ବିଷୟକୁ ବୁଝାଇଥାଏ। ଶିଳ୍ପକ୍ଷେତ୍ର ବିଶେଷଜ୍ଞଙ୍କ ଜରିଆରେ ବ୍ୟବହାରିକ ଜ୍ଞାନ ସହ ପରିଚିତ କରାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଶିକ୍ଷାନୁଷ୍ଠାନରେ ମେଣ୍ଟରିଂ ବ୍ୟବସ୍ଥା ରହିଛି। ପ୍ରତି ବ୍ୟାଚ୍‌ର ଛାତ୍ରଛାତ୍ରୀ କେତୋଟି ଗ୍ରୁପ୍‌ରେ ବିଭକ୍ତ ହୁଅନ୍ତି। ପ୍ରତି ଗ୍ରୁପ୍‌କୁ ଜଣେ ଜଣେ ଶିକ୍ଷକଙ୍କ ନେତୃତ୍ୱରେ ମେଣ୍ଟରିଂ (ମାର୍ଗଦର୍ଶନ) କରାଯାଏ। ଏହା ଛାତ୍ରଛାତ୍ରୀଙ୍କୁ ବେଶ୍ ଫାଇଦା ପହଞ୍ଚାଇଥାଏ।

**ପ୍ରଶ୍ନ:** ବର୍ତ୍ତମାନର ପ୍ରତିଯୋଗିତାମୂଳକ ଦୁନିଆରେ ଉନ୍ନତ ପାଠପଢ଼ା ସବୁକିଛି ନୁହେଁ। ପ୍ଲେସ୍‌ମେଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଏ ଦିଗରେ ବିଆଇଆଇଟିଏମ୍ କେତେ ଆଗୁଆ ରହିଛି?

**ଉତ୍ତର:** ଆମେ ସବୁବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇଥାଉ। ଏଣୁ ଉନ୍ନତ ପାଠପଢ଼ା ବ୍ୟତୀତ ଏକ ଭଲ ଅନୁଷ୍ଠାନରେ ଚାକିରି ଯୋଗାଇବାକୁ ପ୍ରୟାସ କରିଥାଏ। ଆମର ସ୍ୱତନ୍ତ୍ର ପ୍ଲେସ୍‌ମେଣ୍ଟ ବିଭାଗ ଏହାର ବିଶେଷ ଧ୍ୟାନ ରଖିଥାଏ। ଗୋଦରେଜ, ରେଡିଙ୍ଗଟନ୍, ଏସିଆନ୍ ପେଣ୍ଟସ୍, ୟୁପିଏସ୍, ଆଇସିଟି, ଆଦିତ୍ୟ ବିର୍ଲା, ରାମ୍‌କୋ ସିମେଣ୍ଟ, ନେସ୍‌ଲେ ଭଳି ବହୁ କମ୍ପାନି ପ୍ରତିବର୍ଷ କ୍ୟାମ୍ପସ୍ ସିଲେକ୍ସନ ଜରିଆରେ ଆମ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେଉଛନ୍ତି। ଚଳିତ ବର୍ଷ ବିଆଇଆଇଟିଏମ୍‌ର ଛାତ୍ରଛାତ୍ରୀ ସର୍ବାଧିକ ୬.୬ ଲକ୍ଷ ଟଙ୍କାର ପ୍ୟାକେଜ୍‌ରେ ପ୍ଲେସ୍‌ମେଣ୍ଟ ପାଇଛନ୍ତି।

**ପ୍ରଶ୍ନ:** ନିକଟ ଭବିଷ୍ୟତରେ ବିଆଇଆଇଟିଏମ୍ କେଉଁ କେଉଁ ନୂଆ ପାଠ୍ୟକ୍ରମ ଯୋଡ଼ିବାକୁ ଯାଉଛି?

**ଉତ୍ତର:** ଆମେ ସଂଖ୍ୟା ବୃଦ୍ଧି ନୁହେଁ, ଗୁଣାତ୍ମକ ଶିକ୍ଷାଦାନକୁ ଗୁରୁତ୍ୱ ଦେଉ। ଯଦି ନୂଆ ପାଠ୍ୟକ୍ରମ ଯୋଡ଼ାଯାଏ, ଗୁଣାତ୍ମକ ଶିକ୍ଷାଦାନ ପ୍ରଭାବିତ ହେବ। ଏଣୁ ଆଗାମୀ ଭବିଷ୍ୟତରେ ନୂଆ ପାଠ୍ୟକ୍ରମ ଯୋଡ଼ିବାର କୌଣସି ଯୋଜନା ନାହିଁ। ତେବେ ପିଲାମାନଙ୍କୁ ଉନ୍ନତ ପାଠପଢ଼ା ଯୋଗାଇବା ଦିଗରେ ନିଶ୍ଚିତ ଭାବେ ନୂଆ ନୂଆ ଅଭିନବ ପଦକ୍ଷେପ ନିଆଯିବ।